# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 December – 2025

**********************************

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ସୁଶାସନ ଦିବସ;

— ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଅବସରରେ ଦେଶବାସୀ ଜଣାଉଛନ୍ତି ଶ୍ରଦ୍ଧାଞ୍ଜଳି

- ସାଂସଦ ଖେଳ ମହୋତ୍ସବ କ୍ରୀଡାର ପରିସରକୁ ବ୍ୟାପକ କରୁଛି; କହିଲେ ପ୍ରଧାନମନ୍ତ୍ରୀ

- ବରଗଡ଼ ଧନୁଯାତ୍ରା ଦ୍ୱିତୀୟ ଦିନରେ ଆଜି ପ୍ରଭୁ ଶ୍ରୀକୃଷ୍ଣ ନେବେ ଜନ୍ମ; କଂସ ମହାରାଜଙ୍କ ଦରବାର ରଙ୍ଗମହଲ ହେବ ଉଦ୍‌ଘାଟନ

ଏବଂ

- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଧରାବତରଣରେ ଚର୍ଚ୍ଚଗୁଡ଼ିକରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ କରୁଛନ୍ତି ସମୂହ ପ୍ରାର୍ଥନା

## ସୁଶାସନ ଦିବସ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ବାର୍ଷିକୀ ଅବସରରେ ଆଜି ଦେଶବ୍ୟାପୀ ସୁଶାସନ ଦିବସ ପାଳନ କରାଯାଉଛି । ଦେଶବାସୀଙ୍କୁ ସ୍ୱଚ୍ଛ ଶାସନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ  ପ୍ରତିବର୍ଷ ଆଜିର ଦିନରେ ସ୍ୱର୍ଗତ ବାଜପେୟୀଙ୍କ ଜନ୍ମଦିନକୁ ଏହି ଦିବସ ଭାବେ ପାଳନ କରାଯାଇଥାଏ ।

**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ,** ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ନେତାମାନେ ନୂଆଦିଲ୍ଲୀ ସ୍ଥିତ ସଦୈବ ଅଟଳ ସ୍ମାରକୀରେ  ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

**ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ** କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଜଣେ ମହାନ ରାଜନେତା, କବି ଏବଂ ଏକତାର ପ୍ରତୀକ ଥିଲେ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** କହିଛନ୍ତି, ସ୍ୱର୍ଗତ ବାଜପେୟୀ ନିଜ ଜୀବନକୁ ସୁଶାସନ ଏବଂ ରାଷ୍ଟ୍ର ଗଠନରେ ସମର୍ପିତ କରିଥିଲେ। ତାଙ୍କର ବ୍ୟକ୍ତିତ୍ୱ ଓ ନେତୃତ୍ୱ ଦେଶର ସର୍ବାଙ୍ଗୀନ ବିକାଶର ପଥ ପ୍ରଦର୍ଶକ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ସବ୍‌କା ସାଥ-ସବ୍‌କା ବିକାଶ ଭାବନାର ମୂଳ ଆତ୍ମାକୁ ଜୀବନ୍ତ କରି ଦେଶକୁ ସୁରକ୍ଷା, ବିକାଶ ଓ ଆତ୍ମମର୍ଯ୍ୟାଦାର ନୂତନ ଦିଗ ଦେଇଥିବା ଅଟଳ ଜୀଙ୍କ ଆଦର୍ଶ ଓ ପ୍ରେରଣା

ସଦା ସ୍ମରଣୀୟ। ଏହି ଅବସରରେ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ-ଏମ୍ସ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ  ମାଲ୍ୟାର୍ପଣ କରି ପୋଖରିପୁଟରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ।

## ସୁଶାସନ ଦିବସ-ଧର୍ମେନ୍ଦ୍ର

ଅଟଳ ବିହାରୀ ବାଜପେୟୀଙ୍କ ସୁଶାସନ ମନ୍ତ୍ର ହିଁ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସର୍ବଦା ପ୍ରେରଣା ଦେଉଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ବୁର୍ଲାଠାରେ ଆୟୋଜିତ ସୁଶାସନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଅଟଳ ଜୀଙ୍କ ଆଦର୍ଶରେ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଆମକୁ ସଂକଳ୍ପବଦ୍ଧ ହେବାକୁ ପଡିବ। ଅଟଳ ବିହାରୀ ଜୟନ୍ତୀ ସମିତି ଏବଂ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ଆୟୋଜିତ ମାରାଥନ ଦୌଡରେ ଅଂଶଗ୍ରହଣ କରି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

## ସୁଶାସନ ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ଭଦ୍ରକ** ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ଜିଲ୍ଲା ପ୍ରଶାସନ ଅଧିକାରୀ ଓ ଅନେକ ପ୍ରତିଭାବାନ୍ ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି।

# ପିଏମ୍ ସାଂସଦ ଖେଳ ମହୋତ୍ସବ

ସାଂସଦ ଖେଳ ମହୋତ୍ସବ ଯୋଗୁଁ ଦେଶରେ ହଜାର ହଜାର କ୍ରୀଡ଼ାବିତ୍ ସୃଷ୍ଟି ହୋଇଛନ୍ତି, ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ସାଂସଦ ଖେଳ ମହୋତ୍ସବକୁ ଆଭାସୀ ଜରିଆରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ସାଂସଦ ଖେଳ ମହୋତ୍ସବର ପରିସର ଓ ପ୍ରଭାବ ବ୍ୟାପକ ହୋଇଛି। ହାର୍ ଜିତ୍ଠାରୁ ଊର୍ଦ୍ଧ୍ୱରେ ରହି କ୍ରୀଡ଼ାବିତ୍ମାନେ ସେମାନଙ୍କର ଖେଳୁଆଡ ମନୋଭାବ ଜରିଆରେ ପ୍ରତ୍ୟେକ କ୍ରୀଡ଼ାର ବିକାଶ ଲାଗି ଅବଦାନ ଦେଉଛନ୍ତି । ସମର୍ଥ ଏବଂ ଶୃଙ୍ଖଳିତ ଯୁବପିଢ଼ୀ ଦେଶର ଭବିଷ୍ୟତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Modi )**

ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୩୦ରେ ଭାରତ ଅହମ୍ମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି । ୨୦୩୬ ଅଲମ୍ପିକ୍ସ ଆୟୋଜନ କରିବା ନେଇ ଭାରତ ଉଦ୍ୟମ କରୁଥିବା ସେ କହିଛନ୍ତି । ଯେଉଁମାନେ ଆଗାମୀ ଦିନରେ ଭାରତର ପ୍ରତିନିଧିତ୍ୱ କରିବେ ସେମାନଙ୍କ ବୟସ ଏବେ ୧୦ରୁ ୧୨ବର୍ଷ ହୋଇଥିବ । ବର୍ତ୍ତମାନଠାରୁ ସେମାନଙ୍କୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ସମର୍ଥ କରିବା ଲାଗି ସାଂସଦ ଖେଳ

ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ପିତାମାତାମାନଙ୍କୁ ସେମାନଙ୍କ ପିଲାକୁ କ୍ରୀଡ଼ାପ୍ରତି ଉତ୍ସାହ ସୃଷ୍ଟି କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ସ୍କୁଲ, କଲେଜ୍ ଓ କ୍ଲବ୍‌ମାନଙ୍କରେ ଖେଳର ବ୍ୟବସ୍ଥା ହୋଇପାରିବ ବୋଲି ସମ୍ବଲପୁରଠାରେ ଆୟୋଜିତ ସାଂସଦ ଖେଳ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସବୁ ପ୍ରକାର ଖେଳ ପ୍ରତି ଲୋକଙ୍କ ଶ୍ରଦ୍ଧା ଥିବାରୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସହ ମିଶି ସ୍ପୋର୍ଟସ୍ କଲେଜ୍ ପ୍ରତିଷ୍ଠା ପାଇଁ ଚେଷ୍ଟା କରିବାକୁ ଶ୍ରୀ ପ୍ରଧାନ ମତ ରଖିଛନ୍ତି। ସେଠାରେ ଛାତ୍ରାବାସ ସୁବିଧା ସହ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବଲାଙ୍ଗିରଠାରେ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଛନ୍ତି। ଏହି ମହୋତ୍ସବରେ ଜିଲ୍ଲାର ୧୪ଟି ବ୍ଲକ୍ ଓ ସୋନପୁର ଜିଲ୍ଲାର ହଜାରେ ଖେଳାଳି ସାମିଲ ହୋଇଥିଲେ।

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଆଜି ଦ୍ୱିତୀୟ ଦିବସରେ ଜିଲ୍ଲାର ଲୋକମଣ୍ଡପଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ରଙ୍ଗମହଲର ଉଦ୍‌ଘାଟନ କରିବେ। ମଥୁରା ନଗରୀର ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣ ଜନ୍ମ, ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନଙ୍କ ସହ ଭେଟ, ବିଜୁଳିକନ୍ୟା

ସହ ମଥୁରାକୁ ପ୍ରତ୍ୟାବର୍ତ୍ତନ, ଦୁର୍ମିଳା ରାକ୍ଷସ ସହ କଂସଙ୍କ ଯୁଦ୍ଧ, ଚାଣୁର-ମୁଷ୍ଟିକଙ୍କ ଆବାହନ ଆଦି କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୫ଟାରେ ନିଶାମଣି ପଡିଆସ୍ଥିତ ରଙ୍ଗମହଲ ଉଦ୍‌ଘାଟନ ପାଇଁ ମା' ଶ୍ୟାମାକାଳୀ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ। ପିଲାମାନଙ୍କୁ ବରଗଡ଼ ଧନୁଯାତ୍ରା ସମ୍ପର୍କରେ ସଚେତନ କରିବା ପାଇଁ ବାଲ୍ ଧନୁଯାତ୍ରାର ଆୟୋଜନ କରାଯାଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଧନୁଯାତ୍ରାର କଂସ ମହାରାଜଙ୍କ କିଛି ସଂଳାପ....

## - V/O –

## ମାଓବାଦୀ ନିହତ

**କନ୍ଧମାଳ** ଜିଲ୍ଲା ବାଲିଗୁଡା ଉପଖଣ୍ଡ ଗୁମ୍ମା ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଚାରି ମାଓବାଦୀଙ୍କ ସମେତ ମାଓନେତା ଗଣେଶ ନିହତ ହୋଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କ ମୂଳପୋଛ ଲକ୍ଷ୍ୟ ରଖାଯାଇଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ କହିଛନ୍ତି।

ସୁରକ୍ଷା କର୍ମୀଙ୍କ ଦ୍ୱାରା ଗୁମ୍ମା ଜଙ୍ଗଲରେ କୁମ୍ବିଂ ଜାରି ରହିଛି। ସର୍ଚ୍ଚ ଅପରେସନ୍ ସମୟରେ ଅନେକ ବିସ୍ଫୋରକ ଜବତ ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ଖରିଫ୍ ଧାନ ସଂଗ୍ରହ

**ମାଲକାନଗିରି** ନିୟନ୍ତ୍ରିତ ବଜାର କମିଟି ପରିସରରେ ଚଳିତ ଖରିଫ୍ ଋତୁର ଜିଲ୍ଲାସ୍ତରୀୟ ଖରିପ୍ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜୀକୃତ ଚାଷୀ ଭାଇଭଉଣୀମାନଙ୍କ ପାଇଁ ଏଫ୍ଏକ୍ୟୁ ମାନର ସାଧାରଣ ଧାନ ସଠିକ୍ ମୂଲ୍ୟରେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ମଣ୍ଡି ନୋଡାଲ ଅଧିକାରୀ ଏବଂ ମଣ୍ଡି ସୁପରଭାଇଜିଂ ଅଧିକାରୀ ନିୟୋଜିତ ରହି ସମସ୍ତ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳ କହିଛନ୍ତି। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ ୬୬ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାରେ ୬୮ଟି ସ୍ଥାନରେ ମଣ୍ଡି ଖୋଲିବା ପାଇଁ ବ୍ୟବସ୍ଥା ହୋଇଥିବାବେଳେ ୪୭ ହଜାର ୭୦୦ ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଛନ୍ତି।

## ବଡଦିନ

ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଓ ଉଲ୍ଲାସର ସହ ବଡଦିନ ପର୍ବ ପାଳନ କରାଯାଉଛି । ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ପ୍ରଭୁ ଯୀଶୁଖ୍ରୀଷ୍ଟ ଏହିଦିନ ଧରାବତରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ବାପ୍ଟିଷ୍ଟ୍ ଓ କ୍ୟାଥଲିକ୍ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରଲ ସଙ୍ଗୀତ ସହ ସମୂହ ପ୍ରାର୍ଥନା

କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ପବିତ୍ର ବଡ଼ଦିନ ଉପଲକ୍ଷେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇ ସମୃଦ୍ଧ ଏବଂ ସଶକ୍ତ ଓଡ଼ିଶା ଗଠନରେ  ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟାଧର୍ମାବଲମ୍ବୀ ଭାଇଭଉଣୀମାନେ ଆଡମ୍ବର ସହକାରେ ବଡ଼ଦିନ ପାଳନ କରୁଛନ୍ତି।

**ଭଦ୍ରକ** ସହର ସମେତ ଜିଲ୍ଲାରେ ୭ଟି ବ୍ଲକ୍‌ରେ ଥିବା ବିଭିନ୍ନ ଚର୍ଚ୍ଚରେ ବଡ଼ ଦିନ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି।  ଖ୍ରୀଷ୍ଟାଧର୍ମାବଲମ୍ବୀ ଭାଇଭଉଣୀମାନେ ଯୋଗଦେଇ ଯୀଶୁଙ୍କ ବାବଦରେ ଆଲୋଚନା କରିଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ବଡ଼ଦିନ ପର୍ବ ଧୂମ୍‌ଧାମ୍‌ରେ ପାଳିତ ହୋଇଛି। ଚର୍ଚ୍ଚ ପରିସରରେ ପ୍ରଭୁ ଯୀଶୁଙ୍କ ତ୍ୟାଗ ଓ ମହତ୍ ବାଣୀ ଉପରେ ଚର୍ଚ୍ଚା ହୋଇଛି।

**ରାୟଗଡ଼ା** ଜିଲ୍ଲା ଗୁଣୁପୁର, ମୁନିଗୁଡ଼ା, ବିଷମକଟକ, ଜେକେପୁର ଆଦି ଅଂଚଳରେ ଖ୍ରୀଷ୍ଟଧର୍ମାବଲମ୍ବୀ ଭାଉଭଉଣୀମାନେ ବଡ଼ଦିନ ପାଳନ କରୁଛନ୍ତି।

ବାଲୁକାଶିଳ୍ପୀ  ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ସେଓ ଓ ବାଲିରେ ନିର୍ମିତ ସାନ୍ତା କ୍ଲଜ୍ ଓ୍ୱାର୍ଲ୍ଡ ରେକର୍ଡ ବୁକ୍ ଅଫ୍ ଇଣ୍ଡିଆରେ ସ୍ଥାନ ପାଇଛି । ଦେଢ଼ ଟନ୍‌ର ସେଓ ବ୍ୟବହାର କରି ୬୦ ଫୁଟ ଲମ୍ବା ୨୨ ଫୁଟ ଉଚ୍ଚତା ଓ ୪୫ ଫୁଟ ଚଉଡା ବିଶିଷ୍ଟ ବାଲୁକା କଳାରେ ପୁରୀ ବେଳାଭୂମିରେ ଏହି ସାନ୍ତାକ୍ଲଜ୍ ନିର୍ମାଣ କରାଯାଇଛି ।

## ହାଫ୍ ମାରାଥନ୍

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳଦ୍ୱାରା ସୁସ୍ଥ ଜୀବନ ଶୈଳୀକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଖୋର୍ଦ୍ଧାରୋଡ୍ ହାଫ୍ ମାରାଥନ ଭୁବନେଶ୍ୱର-୨୦୨୬ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଫେବୃୟାରୀ ମାସ ୧ ତାରିଖରେ ଆୟୋଜିତ ହେବ । ଗଣମାଧ୍ୟମକୁ ସୂଚନା ଦେଇ ମଣ୍ଡଳ ରେଳ ପ୍ରବନ୍ଧକ କହିଛନ୍ତି, ଏହି ମାରାଥନ୍‌ରେ ୪ଟି ଦୌଡ଼ବର୍ଗ ରହିବ । ସମସ୍ତ ପଞ୍ଜିକୃତ ଅଂଶଗ୍ରହଣକାରୀଙ୍କୁ ଇ-ସାର୍ଟିଫିକେଟ୍ ଓ ପଦକ ପ୍ରଦାନ କରାଯିବ ।

# ପାଣିପାଗ

ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ  ଆଜିଠାରୁ ରାତି ତାପମାତ୍ରା ହ୍ରାସ ପାଇବା ସହିତ ଶୀତର ପ୍ରକୋପ ବଢ଼ିବ । ପାଣିପାଗ ବିଭାଗର ସୂଚନା ଅନୁସାରେ, ଥଣ୍ଡା ବାୟୁର ପ୍ରଭାବଯୋଗୁଁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଘନକୁହୁଡ଼ି

ନେଇ  ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*******************************